# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**21 January - 2025**

**News Editor : *Itishree Singh Rathaur***

*******************************

## <u>ମୁଖ୍ୟ ସମ୍ବାଦ</u>

- ନୂଆପଡା ଓ ଛତିଶଗଡ଼ ସୀମାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୧୪ ମାଓବାଦୀ ନିହତ

— ନକ୍ସଲମୁକ୍ତ ଭାରତ ଗଠନରେ ସୁରକ୍ଷା କର୍ମୀଙ୍କ ଭୂମିକାକୁ ପ୍ରଶଂସା କଲେ ସ୍ୱରାଷ୍ଟ୍ରମନ୍ତ୍ରୀ

- ନୂତନ ଜାତୀୟ ଶିକ୍ଷାନୀତି ଛାତ୍ର ଓ ଯୁବଶକ୍ତିର ଦକ୍ଷତା ବୃଦ୍ଧିରେ ସହାୟକ ହେବ; କହିଲେ, ମୁଖ୍ୟମନ୍ତ୍ରୀ

- ରାଜ୍ୟରେ ଜୈବିକ ଚାଷ ପାଇଁ ଖୁବ୍ ଶୀଘ୍ର ନୂତନ ଯୋଜନା ଲାଗୁ ହେବା ନେଇ ସୂଚନା ଦେଲେ ବିଭାଗୀୟ ମନ୍ତ୍ରୀ

ଏବଂ

- ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗରେ ଓଡ଼ିଶା ୱାରିୟର୍ସ୍ ଓ ସୁରମା ହକି କ୍ଲବ୍ ମଧ୍ୟରେ ମ୍ୟାଚ୍ ଜାରି

## ମାଓବାଦୀ ନିହତ

ନୂଆପଡ଼ା ଓ ଛତିଶଗଡ଼ର ଗରିଆବନ୍ଧ ସୀମାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୧୪ ଜଣ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି। ମୃତକଙ୍କ ମଧ୍ୟରେ ୨ ଜଣ ମହିଳା କ୍ୟାଡର ମାଓବାଦୀ ଥିବାବେଳେ ନକ୍ସଲ କେନ୍ଦ୍ରୀୟ କମିଟିର ଓଡ଼ିଶା କ୍ୟାଡର ମାଓନେତା ଜୟରାମ ଓରଫ ଚଲପତି ପ୍ରାଣ ହରାଇଥିବା ପୁଲିସ୍ ପକ୍ଷରୁ ସୂଚନା ମିଳିଛି। କେନ୍ଦ୍ରୀୟ କମିଟିର ଜଣେ ମାଓବାଦୀ ନେତା ସୁରକ୍ଷାକର୍ମୀଙ୍କ ଦ୍ୱାରା ନିହତ ହେବା ଘଟଣା ମାଓ ଦମନ ମୁକାବିଲା ଅଭିଯାନରେ ଏକ ବଡ଼ ସଫଳତା ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ଦେଶକୁ ସମ୍ପୂର୍ଣ୍ଣ ମାଓବାଦୀମୁକ୍ତ କରିବା ଦିଗରେ ପୁଲିସ୍, ସୁରକ୍ଷାକର୍ମୀ ଓ ଏସ୍ଓଜି ଯବାନଙ୍କ ଭୂମିକାକୁ ଶ୍ରୀ ଶାହା ପ୍ରଶଂସା କରିଛନ୍ତି।

ପୁଲିସ୍ର ସୂଚନା ଅନୁଯାୟୀ, ଓଡ଼ିଶା ଛତିଶଗଡ଼ ସୀମା ଗରିଆବନ୍ଧ ଜିଲ୍ଲା ମଣିପୁର ଥାନା ଅଞ୍ଚଳରେ ମାଓମେଳି ସମ୍ପର୍କରେ ଗୁଇନ୍ଦା ସୂତ୍ରରୁ ସୂଚନା ପାଇ ଓଡ଼ିଶା ଓ ଛତିଶଗଡ଼ ପୁଲିସ୍ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ସହ ମିଶି ତଲାସୀ ଅଭିଯାନ କରିଥିଲେ।

## ଜାତୀୟ ଶିକ୍ଷାନୀତି - କର୍ମଶାଳା

ପ୍ରାଥମିକ ସ୍ତରରେ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହେଲେ ଶିକ୍ଷା କ୍ଷେତ୍ରର ଉନ୍ନତି ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଜାତୀୟ ଶିକ୍ଷାନୀତି ୨୦୨୦ର କାର୍ଯ୍ୟକାରିତା ନେଇ ଆଜିଠାରୁ ଆରମ୍ଭ ହୋଇଥିବା ଜାତୀୟ ସ୍ତରୀୟ କର୍ମଶାଳାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂତନ ଜାତୀୟ ଶିକ୍ଷାନୀତି ଛାତ୍ର ଓ ଯୁବଶକ୍ତିର ଦକ୍ଷତା ବୃଦ୍ଧିରେ ସହାୟକ ହେବ। ଏହା ନୀତି ପରମ୍ପରା

ଓ ମୂଲ୍ୟବୋଧ ଉପରେ ପର୍ଯ୍ୟବସିତ। ନୂତନ ଶିକ୍ଷାନୀତିରେ ଜ୍ଞାନଗତ ଶିକ୍ଷା, ସାକ୍ଷରତା ଓ ସଂଖ୍ୟାଗତ ଜ୍ଞାନର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ସମାନ ଗୁଣାତ୍ମକ ଶିକ୍ଷାର ସୁଯୋଗ ସୃଷ୍ଟି ପାଇଁ ନୂତନ ଶିକ୍ଷାନୀତି ଲାଗୁ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶ୍ରୀ ମାଝୀ କହିଛନ୍ତି, ରାଜ୍ୟରେ ନୂତନ ଜାତୀୟ ଶିକ୍ଷାନୀତି ଲାଗୁ ହେବା ଦ୍ୱାରା ଶିକ୍ଷା ବ୍ୟବସ୍ଥାରେ ବୃହତ୍ ପରିବର୍ତ୍ତନ ଆସିବ। ଏଥିପାଇଁ ଅଧିକ ମାନବ ସମ୍ବଳ ଏବଂ ଶିକ୍ଷକମାନଙ୍କୁ ନିଯୁକ୍ତି ଦିଆଯିବ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ୨୦୩୬ ମସିହାରେ ସମୃଦ୍ଧ ଓଡ଼ିଶା ଓ ୨୦୪୭ ମସିହାରେ ବିକଶିତ ଭାରତ ଗଠନରେ ଜାତୀୟ ଶିକ୍ଷାନୀତି ସହାୟକ ହେବ। କେନ୍ଦ୍ରମନ୍ତ୍ରୀ ଆଂଚଳିକ ଭାଷା ତଥା ମାତୃଭାଷାରେ ପାଠ ପଢ଼ା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଓଡ଼ିଶାର ସଭ୍ୟତା ଓ ସାଂସ୍କୃତିକ ମୂଲ୍ୟବୋଧ, ଇତିହାସ, ଐତିହ୍ୟ ଏବଂ ଜ୍ଞାନ ପରମ୍ପରାକୁ ପାଠ୍ୟକ୍ରମ ତଥା ଶିକ୍ଷାଦାନ ବିଷୟରେ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି। ଆଗାମୀ ଦିନରେ ରାଜ୍ୟ ପାଠ୍ୟକ୍ରମ ଖସଡା-ଏନ୍‌ସିଏଫ, ରାଜ୍ୟ ପାଠ୍ୟକ୍ରମ ଢାଞ୍ଚାର ଆଧାର ଭାବେ କାର୍ଯ୍ୟ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। ଶିକ୍ଷାଜଗତ ସମେତ ଓଡ଼ିଶାର ସାଢ଼େ ୪ କୋଟି ଜନତା, ପ୍ରବାସୀ ଓଡ଼ିଆ, ଗବେଷକ ଏବଂ ଅଭିଭାବକମାନଙ୍କୁ ପାଠ୍ୟକ୍ରମ ଢ଼ାଞ୍ଚା ସମ୍ପର୍କରେ ପରାମର୍ଶ ଦେବାପାଇଁ ସେ ଆହ୍ୱାନ ଦେଇଛନ୍ତି।

## ବାଚସ୍ପତି ସମ୍ମିଳନୀ

ସମାନତା, ସ୍ୱାଧୀନତା, ନ୍ୟାୟ, ଭାତୃତ୍ୱ ଭାବ ଆମ ସମ୍ବିଧାନର ମୂଳ ଲକ୍ଷ୍ୟ ଓ ଆଭିମୁଖ୍ୟ। ଗତ ୭୫ ବର୍ଷ ମଧ୍ୟରେ ଆମେ ଏହାକୁ ବଜାୟ ରଖିବାରେ ସଫଳ ହୋଇପାରିଛୁ ବୋଲି ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ବିହାରର ପାଟଣାଠାରେ ଅନୁଷ୍ଠିତ ୮୫ତମ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀରେ ଯୋଗଦେଇ ଶ୍ରୀମତୀ ପାଢ଼ୀ କହିଛନ୍ତି, ସମ୍ବିଧାନ ସରକାର ଓ ଜନସାଧାରଣ ଅଧିକାରକୁ ସୁରକ୍ଷା ଦେବା ଲାଗି ସମନ୍ୱୟ ସହ କାର୍ଯ୍ୟ କରେ।

## ସୁଭଦ୍ରା ଯୋଜନା

ରାଜ୍ୟ ବାହାରେ ଥିବା ଯୋଗ୍ୟ ଓଡ଼ିଆ ହିତାଧିକାରୀ ସୁଭଦ୍ରା ଯୋଜନାରେ ସହାୟତା ପାଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ସୁଭଦ୍ରା ଯୋଜନାର ଜିଲ୍ଲାଭିତ୍ତିକ ସମୀକ୍ଷା କରି ଶ୍ରୀମତୀ ପରିଡା ଯେଉଁମାନେ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିନାହାନ୍ତି, ସେମାନଙ୍କୁ ଶୀଘ୍ର ଆବେଦନ କରିବାକୁ ପରାମର୍ଶ ଦେଇଛନ୍ତି। ସୁଭଦ୍ରା ଯୋଜନାର ଚତୁର୍ଥ ପର୍ଯ୍ୟାୟରେ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀମାନଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O –**

## ଏମ୍‌ବିଏ କୋର୍ସ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱରଠାରେ ଏ.ଆଇ.ସି.ଟି.ଇ. ଇଣ୍ଡିଆ ସହଯୋଗରେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ-ଇଗ୍ନୋର ଏମବିଏ ପାଠ୍ୟକ୍ରମର ଓଡ଼ିଆ ପାଠ୍ୟପୁସ୍ତକ ଆଜି ଉନ୍ମୋଚନ କରିଛନ୍ତି।

ଓଡ଼ିଶାର ଉଚ୍ଚ ଶିକ୍ଷା ତଥା ବୈଷୟିକ ଶିକ୍ଷା କ୍ଷେତ୍ରରେ ଆଜି ଏକ ନୂଆ ଅଧ୍ୟାୟ ଯୋଡି ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ଜାତୀୟ ଶିକ୍ଷା ନୀତିରେ ମାତୃଭାଷାକୁ ପ୍ରୋତ୍ସାହିତ କରିବା ଦିଗରେ ଏହା ବିଶେଷ ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମତ ପ୍ରକାଶ କରିଛନ୍ତି।

## ଟାସ୍କ ଫୋର୍ସ୍

ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ଗଠିତ ଟାସ୍କ ଫୋର୍ସ୍‌ରେ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା ଏବଂ ଗୁଣୁପୁର ବିଧାୟକ ସତ୍ୟଜିତ୍ ଗୋମାଙ୍ଗୋଙ୍କୁ ସଦସ୍ୟ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତରେ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଗଠିତ ଟାସ୍କଫୋର୍ସ୍‌ରେ ବର୍ତ୍ତମାନ ୧୧ ଜଣ ସଦସ୍ୟ ଅଛନ୍ତି।

## ଜୈବିକ ଚାଷ

ରାଜ୍ୟରେ ଜୈବିକ ଚାଷ ପାଇଁ କେନ୍ଦ୍ରୀୟ ନିୟମ ଅନୁସାରେ ଖୁବ୍ ଶୀଘ୍ର ନୂତନ ଯୋଜନା ଲାଗୁ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ଭୁବନେଶ୍ୱର କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ରଠାରେ ଆୟୋଜିତ ଏକ ଜାତୀୟ ସ୍ତରୀୟ ସମ୍ମିଳନୀରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଉନ୍ନତ ସ୍ୱାସ୍ଥ୍ୟ ପାଇଁ ଜୈବିକ ଚାଷ ବର୍ତ୍ତମାନ ସମୟରେ ଗୁରୁତ୍ୱ ବହନ କରୁଛି। ରାସାୟନିକ ସାର ପରିବର୍ତ୍ତେ ଜୈବିକ ଖତର ବ୍ୟବହାର ପାଇଁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

## ଜନରାଜ୍ୟ ପରେଡ୍ ନିମନ୍ତ୍ରଣ

ନୂଆଦିଲ୍ଲୀରେ ସାଧାରଣତନ୍ତ୍ର ଦିବସ ଅବସରରେ ଆସନ୍ତା ୨୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସମାରୋହରେ ସାମିଲ ହେବା ପାଇଁ କେନ୍ଦ୍ରାପଡା ଜିଲ୍ଲାର ଜଣେ ଲକ୍ଷପତି ଦିଦି ରେସମା ବେଗମ୍ ଏବଂ ଦୁଇଜଣ ସରପଞ୍ଚଙ୍କୁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଅତିଥି ଭାବେ ନିମନ୍ତ୍ରଣ କରିଛନ୍ତି। ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ବିଭାଗ ପକ୍ଷରୁ ସେମାନଙ୍କୁ ଏ ସଂକ୍ରାନ୍ତରେ ଚିଠି କରାଯାଇଛି। ନିଜସ୍ୱ ପ୍ରୟାସରେ ରେସମା ସିଲେଇ ମେସିନ୍ ସାହାଯ୍ୟରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ନିଜେ ସ୍ୱାବଲମ୍ବୀ ହେବା ସହ ୫୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିପାରିଛନ୍ତି।

## ଜିଏସ୍‌ଟି ସେବା କର

**ବୌଦ୍ଧ** ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବା କର ମଣ୍ଡଳ ତରଫରୁ ଜିଏସ୍‌ଟି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସମ୍ବଲପୁର ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଯୁଗ୍ମ ଆୟୋଗ ଲିଙ୍ଗରାଜ ପ୍ରଧାନ ଯୋଗଦେଇ ଜିଏସ୍‌ଟି ଏବଂ ସର୍ବକ୍ଷମା ଯୋଜନା ସମ୍ପର୍କିତ ବିଭିନ୍ନ ବିଷୟରେ ବୌଦ୍ଧ ବ୍ୟବସାୟୀ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ।

## ଜିଲ୍ଲା ପରିଷଦ ବୈଠକ

ବଲାଙ୍ଗିର ଜିଲ୍ଲା ନବମ ଜିଲ୍ଲା ପରିଷଦ ବୈଠକ ଅଧ୍ୟକ୍ଷା ଦେବକୀ ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଲୋକସଭା ସାଂସଦ ସଂଗୀତା କୁମାରୀ ସିଂହଦେଓ, ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ, ଜିଲ୍ଲାପାଳ ଗୌର ଶିବାଜୀ ଇସଲାଓ୍ୱାରଙ୍କ ସମେତ ଜିଲ୍ଲାସ୍ତରୀୟ ଅନ୍ୟାନ୍ୟ ଅଧିକାରୀ ଯୋଗ

ଦେଇଥିଲେ। ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା।

## ସଚେତନତା କାର୍ଯ୍ୟକ୍ରମ

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ମହିଳା ମହାବିଦ୍ୟାଳୟରେ ଜିଲ୍ଲା ଆଂଚଳିକ ପରିବହନ ବିଭାଗ ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଡଃ ଭାରତୀ ପାଣିଗ୍ରାହୀ ଯୋଗଦେଇ ସଡକ ସୁରକ୍ଷା ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ।

## ରକ୍ତଦାନ ଶିବିର

**ବୌଦ୍ଧ** ଜିଲ୍ଲା ସରସରା ସରକାରୀ ହାଇସ୍କୁଲଠାରେ ଜୁନିୟର ରେଡକ୍ରସ୍ ଜିଲ୍ଲାସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ତଥା ରକ୍ତଦାନ ଶିବିର ଉଦ୍‌ଘାଟିତ ହୋଇଯାଇଛି। ହରଭଙ୍ଗା ଗୋଷ୍ଠୀ ଶିକ୍ଷାଅଧିକାରୀ ଅଜୟ କୁମାର ଲୋହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗଦେଇଥିଲେ।

# ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ମହିଳା ବର୍ଗରେ ରାଞ୍ଚିର ଜୟପାଲସିଂହ ମୁଣ୍ଡା ହକି ଷ୍ଟାଡିୟମଠାରେ ଓଡ଼ିଶା ୱାରିୟର୍ସ ଓ ସୁରମା ହକି କ୍ଲବ୍ ମଧ୍ୟରେ ମ୍ୟାଚ୍ ଜାରି ରହିଛି।

ପୁରୁଷ ବର୍ଗରେ ଅନ୍ୟ ଏକ ମ୍ୟାଚ୍ ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ  ସନ୍ଧ୍ୟା ୮ଟା ୧୫ ମିନିଟ୍‌ରେ ୟୁପି ରୁଦ୍ରାସ ଓ ଟିମ୍ ଗୋନାସିକା ମଧ୍ୟରେ ଅନୁଷ୍ଠିତ ହେବ ।

## ପାଣିପାଗ

ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆଜିଠାରୁ ଶୀତର ପ୍ରଭାବ ହ୍ରାସ ପାଇବ । ଉଷ୍ମ ଜଳୀୟବାୟୁ ପ୍ରବେଶ ଯୋଗୁଁ ତାପମାତ୍ରା ବୃଦ୍ଧି ପାଇବା ସହ ଶୀତ ହ୍ରାସ ପାଇବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଅପରପକ୍ଷରେ, ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଘନ କୁହୁଡି ହେବା ନେଇ ଜଗତ୍‌ସିଂହପୁର, କେନ୍ଦ୍ରାପଡା, କଟକ ଓ ଖୋର୍ଦ୍ଧା ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲ୍ଲାରେ ଶୀତ ଅନୁଭୂତ ହୋଇଛି । କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୪ ଦଶମିକ ୨ ଡିଗ୍ରୀ ରେକର୍ଡ କରାଯାଇଥିଲା ।

**********************************